# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**6 July– 2026**

---

## ରଥଯାତ୍ରା ସମନ୍ୱୟ ବୈଠକ

ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ପୁରୀରେ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହେବ। ବୈଠକରେ ପ୍ରଶାସନିକ ସ୍ତରରେ ହୋଇଥିବା ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯିବ। ବୈଠକରେ ରଥ ନିର୍ମାଣଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ରଥଯାତ୍ରାର ନୀତିକାନ୍ତିକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନେଇ ଆଲୋଚନା କରାଯିବ।

---

## ଅମୃତ ଭାରତ ଏକ୍ସପ୍ରେସ୍

ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ନିୟମିତ ଚଳାଚଳକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଶୁଭାରମ୍ଭ କରିବେ। ଏହା ସହ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍ ଟ୍ରେନ ଚଳାଚଳର ମଧ୍ୟ ଶୁଭାରମ୍ଭ ହେବ। ପୂର୍ବରୁ ବ୍ରହ୍ମପୁର-ଉଧନା ଏକ୍ସପ୍ରେସ୍ ଟ୍ରେନ୍ ସପ୍ତାହକୁ ଥରେ ଏବଂ ପରେ ତିନିଦିନ ଚଳାଚଳ କରୁଥିଲା। ତେବେ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ପ୍ରତିଦିନ ଚଳାଚଳ କରିବା ଲାଗି ନିଷ୍ପତ୍ତି ନିଆଯାଇଛି।

ସେହିଭଳି ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍ ପୁରୀଠାରୁ ପ୍ରତ୍ୟେକ ସୋମବାର, ଗୁରୁବାର ଏବଂ ଶନିବାର ଚଳାଚଳ କରିବ ଏବଂ କୋରାପୁଟ ଠାରୁ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଏବଂ ରବିବାର ଚଳାଚଳ କରିବ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ସୁଦୃଶ୍ୟ ଲଘୁଚାପ ଅବପାତରେ ପରିଣତ ହେବା ସହ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ସ୍ଥଳଭାଗ ଅତିକ୍ରମ କରିଛି । ବାଲେଶ୍ୱର ନିକଟରେ ଉତ୍ତର ଉପକୂଳ ଓଡ଼ିଶା ଅତିକ୍ରମ କରିଥିବା ଜଣାପଡ଼ିଛି ।ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହି ଅବପାତ ଉତ୍ତର ଓଡ଼ିଶା ସଂଲଗ୍ନ ଦକ୍ଷିଣ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ମଧ୍ୟ ଦେଇ ଗତି କରିବାର ଅନୁମାନ କରାଯାଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜି ଅତିପ୍ରବଳ ବର୍ଷା ହେବା ନେଇ ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ନୂଆପଡ଼ା, ବଲାଙ୍ଗୀର, ଅନୁଗୁଳ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ାଠାରେ ସର୍ବାଧିକ ୨୭୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ସକାଳ ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୩ ଦଶମିକ ୩/୩ ଫୁଟ ରହିଥିଲା । ପ୍ରତି ସେକେଣ୍ଡ୍‌ରେ ଜଳଭଣ୍ଡାର ମଧ୍ୟକୁ ୩୫ ହଜାର ୧୩୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ସେହି ସମୟ ମଧ୍ୟରେ

ପାୱାର ଚ୍ୟାନେଲ୍ ଦେଇ ୧୭ ହଜାର ୬୩୨ ଘନଫୁଟ ଜଳ ନିଷ୍କାସିତ ହେଉଛି ।

## ସ୍କୁଲ୍ ବନ୍ଦ

ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି କଟକ, ସୁବର୍ଣ୍ଣପୁର ଓ ସମ୍ବଲପୁରର ସମସ୍ତ ଶିକ୍ଷାନୁଷ୍ଠାନକୁ ଆଜି ବନ୍ଦ ରଖାଯାଇଛି । ସମସ୍ତ ସରକାରୀ, ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ମହାବିଦ୍ୟାଳୟ ଗୁଡ଼ିକୁ ଆଜି ପାଇଁ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସମସ୍ତ ସରକାରୀ ଓ ଘରୋଇ ନିର୍ମାଣ କାର୍ଯ୍ୟକୁ ମଧ୍ୟ ଆଜି ଦିନକ ପାଇଁ ବନ୍ଦ ରଖିବାକୁ କୁହାଯାଇଛି । ସହରର ନଦୀ ବାଲିଘାଟଗୁଡ଼ିକ ବନ୍ଦ ରଖାଯିବା ସହ ପୋଲିସ୍ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଶ୍ୟାମାପ୍ରସାଦ - ଜୟନ୍ତୀ

ବିଶିଷ୍ଟ ଜନନାୟକ ତଥା ସ୍ୱାଧୀନତା ସଂଗ୍ରାମୀ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଜି ୧୨୫ତମ ଜନ୍ମବାର୍ଷିକୀ ଅବସରରେ ଦେଶବ୍ୟାପୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେବେ । ଏଥିସହ ସତ୍ସଙ୍ଗ ବିହାରସ୍ଥିତ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣୀ ମାଝୀ, ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିବେ ।

# ଶ୍ୟାମାପ୍ରସାଦ ମୁଖାର୍ଜୀ-ମୁଖ୍ୟମନ୍ତ୍ରୀ

ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଜଣେ ସମର୍ପିତ ରାଷ୍ଟ୍ରନେତା ଏବଂ ଦୂରଦୃଷ୍ଟିସଂପନ୍ନ ଚିନ୍ତାନାୟକ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଡକ୍ଟର ମୁଖାର୍ଜୀଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ଗତକାଲି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଭାବେ ସ୍ୱର୍ଗତ ମୁଖାର୍ଜୀଙ୍କ ଭୂମିକା ଉପରେ ଆଲୋକପାତ କରିଛନ୍ତି ।

**V/O**

---

# କେଏମ୍‌ସି

କଟକର ଇଂରାଜୀ ବନାନକୁ ପରିବର୍ତ୍ତନ କରାଯାଇଛି । ଉଚ୍ଚାରଣ ଆଧାରରେ ଏଣିକି ଇଂରାଜୀରେ **KATAKA** ଲେଖାଯିବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗେଜେଟ୍ ବିଜ୍ଞପ୍ତି ଆଧାରରେ କଟକ ମହାନଗର ନିଗମ ପକ୍ଷରୁ ନାମ ସଂଶୋଧନ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି କରାଯାଇଛି । ଫଳରେ ଏଣିକି କଟକ ମହାନଗର ନିଗମ **CMC** ପରିବର୍ତ୍ତେ **KMC** ଲେଖାଯିବ ।

---

# ଅଷ୍ଟମ ବେତନ କମିଶନ ସଦସ୍ୟଙ୍କ ଗସ୍ତ

କେନ୍ଦ୍ରୀୟ ଅଷ୍ଟମ ବେତନ କମିଶନର ସଦସ୍ୟ ସଚିବ ପଙ୍କଜ ଜୈନ ଆଜି ଏବଂ ଆସନ୍ତାକାଲି ୨ ଦିନ ଧରି ରାଜ୍ୟର ବିଭିନ୍ନ ସଂଗଠନର ପ୍ରତିନିଧି ଓ

ହିତାଧିକାରୀଙ୍କ ସହ ମତ ବିନିମୟ କରିବେ । ରାଜ୍ୟର ବିଭିନ୍ନ ବର୍ଗର କର୍ମଚାରୀ, ପେନସନଧାରୀ ଓ ସରକାରୀ କର୍ମଚାରୀଙ୍କ ବେତନ ବ୍ୟବସ୍ଥା ଉପରେ ସେ ମୂଲ୍ୟାଙ୍କନ କରିବେ ।

## ନିଶାମୁକ୍ତ ଓଡ଼ିଶା

ଭଦ୍ରକ ଜିଲ୍ଲା ତିହିଡ଼ି, ଆଗରପଡ଼ା ସମେତ ବିଭିନ୍ନ ଥାନା ପରିସରରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ବରିଷ୍ଠ ପୋଲିସ୍ ଅଧିକାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜନପ୍ରତିନିଧି ଏବଂ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନିଶା ସେବନର କୁପରିଣାମ ଉପରେ ଆଲୋକପାତ କରିବା ସହ ନିଶାମୁକ୍ତ ଓଡ଼ିଶା ଗଠନରେ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି ।